ପୁଷ୍ଟିସାଧନ ବଗିଚା

ଆଲେଖ୍ୟ:
ଶ୍ରୀମତୀ ସସ୍ମିତା ପାଲ, ବୈଜ୍ଞାନିକ (ଗୃହ ବିଜ୍ଞାନ)
ଡ. ମୟୁରୀ ସିଂ ସରଦାର, ବୈଜ୍ଞାନିକ (କୃଷି ସଂପ୍ରସାରଣ)
ଶ୍ରୀମତୀ ହରପ୍ରିୟା ସେଠୀ (କ୍ଷେତ୍ର ପ୍ରବନ୍ଧକ)

ସଂପାଦନା:
ଶ୍ରୀ ତପନ କୁମାର ଦାସ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ

ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ

ପ୍ରଥମ ପ୍ରକାଶନ : ଡିସେମ୍ବର, ୨୦୨୩

ମୁଦ୍ରଣ:
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର, ଫୋନ୍ ୯୪୩୭୦୭୭୩୩୭

**PUSTISADHAN BAGICHA**

**By**

**Mrs. Sasmita Pal,** Scientist (Home Science)

**Dr. Mayuri Singh Sardar,** Scientist (Agril. Extn.)

**Mrs. Harapriya Sethi,** (Farm Manager)

**Editor**
**Mr. Tapan Kumar Das**
Sr. Scientist and Head
Krishi Vigyan Kendra, Boudh

**Published by:** Krishi Vigyan Kendra, Boudh

**First Edition** : December, 2023

**Printed by**
Ankita Graphics, Bhubaneswar.
Cell : 9437077337 / saroj77337@gmail.com







# ପୁଷ୍ଟିସାଧନ ବଗିଚା

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(WHO) ଅନୁଯାୟୀ ଶାରୀରିକ ସାମାଜିକ ଏବଂ ମାନସିକ ସ୍ୱାଭାବିକତା ଓ ପରିପୂର୍ଣ୍ଣତାକୁ ସ୍ୱାସ୍ଥ୍ୟ ବୋଲି ବୁଝାଯାଏ। ଯେଉଁ ବ୍ୟକ୍ତି ଶାରୀରିକ, ସାମାଜିକ ଏବଂ ମାନସିକ କାର୍ଯ୍ୟକଳାପରେ ଯେତେଦୂର ସ୍ୱଭାବିକ ତାଙ୍କୁ ସେତେ ସ୍ୱାସ୍ଥ୍ୟବାନ ବୋଲି ବୁଝାଯାଏ। ଅର୍ଥାତ୍ ସ୍ୱାସ୍ଥ୍ୟ ହିଁ ସମ୍ପଦ। ମଣିଷର ଶରୀରକୁ ସୁସ୍ଥ ସବଳ ଓ କାର୍ଯ୍ୟକ୍ଷମ କରିବାକୁ ହେଲେ ସନ୍ତୁଳିତ ଆହାର (ଖାଦ୍ୟ) ଆବଶ୍ୟକ। ତେଣୁ ସ୍ୱାସ୍ଥ୍ୟ ଓ ଖାଦ୍ୟ ମଧ୍ୟରେ ପରସ୍ପର ନିବିଡ଼ ସମ୍ବନ୍ଧ ଅଛି। ଖାଦ୍ୟ ଆମର ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଆବଶ୍ୟକତା ଅଟେ। ଖାଦ୍ୟ ଆମ ଶରୀରର ବୃଦ୍ଧି ବିକାଶରେ ସାହାଯ୍ୟ କରେ, ଏହାର ରକ୍ଷଣାବେକ୍ଷଣ କରେ ଓ ଶରୀରକୁ ସୁସ୍ଥ ରଖେ। ଶରୀରକୁ ବଳିଷ୍ଠ ଓ କାର୍ଯ୍ୟକ୍ଷମ କରିବା ପାଇଁ ହେଲେ ପୁଷ୍ଟିକର ଖାଦ୍ୟ ଆବଶ୍ୟକ।

## ଖାଦ୍ୟରେ ଥିବା ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ

ପୋଷକତତ୍ତ୍ୱ କହିଲେ ଖାଦ୍ୟରେ ଥିବା ଜୈବିକ ଏବଂ ରସାୟନିକ ଯୌଗିକ ପଦାର୍ଥକୁ କୁହାଯାଏ। ଏହି ପୋଷକତତ୍ତ୍ୱଗୁଡ଼ିକ ଦୁଇ ପ୍ରକାରର ଯଥା- ସ୍ଥୂଳ ପୋଷକତତ୍ତ୍ୱ ଓ ସୂକ୍ଷ୍ମ ପୋଷକତତ୍ତ୍ୱ।

ସ୍ଥୂଳ ପୋଷକ ତତ୍ତ୍ୱ- ଶ୍ୱେତସାର, ସ୍ନେହସାର ଓ ପୁଷ୍ଟିସାର।
ସୂକ୍ଷ୍ମ ପୋଷକ ତତ୍ତ୍ୱ - ଭିଟାମିନ ଓ ଧାତବ ଲବଣ।

୧. **ଶ୍ୱେତସାର ବା ଶର୍କରା-** ଏହି ଖାଦ୍ୟ ଶରୀରକୁ ସୁସ୍ଥ, ସବଳ ଓ କାର୍ଯ୍ୟକ୍ଷମ କରିବାରେ ସାହାଯ୍ୟ କରେ। ଏହା ଶରୀରକୁ ଶକ୍ତି ଯୋଗାଇଥାଏ। ଚାଉଳ, ଗହମ,

ମକା, ମାଣ୍ଡିଆ ଇତ୍ୟାଦି ଏବଂ ମୂଳା ଓ କନ୍ଦା ଜାତୀୟ ପନିପରିବାରେ ପ୍ରଚୁର ପରିମାଣରେ ମିଳିଥାଏ।

୨. **ପୁଷ୍ଟିସାର-** ଏହା ସାଧାରଣତଃ ଡାଲିଜାତୀୟ ଖାଦ୍ୟ ଯଥା ବିନ୍ସ, ମଟର, ଶିମ୍ବ ଆଦି ପରିବାରୁ ମିଳିଥାଏ।

୩. **ସ୍ନେହସାର-** ତୈଳବୀଜ ଜାତୀୟ ଖାଦ୍ୟ ପଦାର୍ଥରେ ମିଳିଥାଏ।

ସୂକ୍ଷ୍ମ ପୋଷକତତ୍ତ୍ୱ ଗୁଡ଼ିକ ହେଲେ ଭିଟାମିନ୍ ଏବଂ ଧାତବ ଲବଣ, ଯାହାକି ଅଳ୍ପ ମାତ୍ରାରେ ଆବଶ୍ୟକ କିନ୍ତୁ ଖାଦ୍ୟରେ ଏହାର ଅସନ୍ତୁଳନ ହେଲେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। ତେଣୁ ଏଗୁଡ଼ିକ ଶରୀର ରକ୍ଷାକାରୀତତ୍ତ୍ୱ ଭାବରେ ପରିଗଣିତ ହୋଇଥାନ୍ତି। ସାଧାରଣତଃ ଫଳ, ଶାଗ ଏବଂ ସବୁଜ ପନିପରିବାରେ ଭିଟାମିନ୍ ଏବଂ ଧାତବ ଲବଣ ଅଧିକ ମାତ୍ରାରେ ଥାଏ। ଭିଟାମିନ୍ ବା ଜୀବସାରକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି।

୧. ଜଳରେ ଦ୍ରବଣୀୟ ଭିଟାମିନ୍ ଯଥା- ଭିଟାମିନ (ବି) ଗ୍ରୁପ୍ (ଖ), ଭିଟାନ-ସି(ଗ)

୨. ତୈଳ ଦ୍ରବଣୀୟ ଭିଟାମିନ୍ ଯଥା - ଭିଟାମିନ୍-ଏ (କ), ଡି (ଖ) ଇ(ଙ) ଓ (କେ)

ଶରୀରେ ଏହି ଭିଟାମିନର ଅଭାବରେ ଅନେକ ପ୍ରକାର ରୋଗ ସୃଷ୍ଟି ହୁଏ। ଫଳ ଓ ପନିପରିବା ଭିଟାମିନ୍ ଓ ଧାତବ ଲବଣର ମୁଖ୍ୟ ଉତ୍ସ। ସାଧାରଣତଃ ଆମେ ଶ୍ୱେତସାର ଓ ସ୍ନେହସାର ଜାତୀୟ ଖାଦ୍ୟ ଅଧିକା ଖାଇ ଶରୀର ରକ୍ଷାକାରୀ ଖାଦ୍ୟ (ପନିପରିବା ଓ ଫଳ) କମ୍ ଖାଉ। ଶାଗ ଓ ପନିପରିବାଗୁଡ଼ିକ ଅଧିକାଂଶ ସବୁଜ ଓ ପତ୍ର ବହୁଳ ହୋଇଥାଏ ତେଣୁ ଏଥିରେ ପ୍ରଚୁରମାତ୍ରାରେ ଲୌହ, କ୍ୟାଲସିୟମ ଆଦି ଧାତିବ ପଦାର୍ଥ ଏବଂ ବିଟାକାରୋଟିନ୍ (ଭିଟାମିନ୍-ଏ) ଭିଟାମିନ-ସି, ଅଧିକ ଥାଏ ଓ ତନ୍ତୁଯୁକ୍ତ ହୋଇଥାଏ।

**ଭିଟାମି଼ ‘ଏ’-** ସାଧାରଣତଃ ସବୁଜ ପରିବା ଯଥା ପାଳଙ୍ଗ, କୋଶଳା ଶାଗ ଇତ୍ୟାଦି ଓ ଶଗୁଆ ଓ କମଳା ରଙ୍ଗର ଫଳ ପନିପରିବା ଯଥା- ଆମ୍ବ, ଅମୃତଭଣ୍ଡା, ଆମ୍ବ, କଖାରୁ, ଟମାଟୋ, ଗାଜର ଆଦିରେ ବିଟା କାରୋଟି ପ୍ରଚୁର ମାତ୍ରାରେ ରହିଥାଏ।

**ଭିଟାମିନ୍ ‘ବି’-** କଞ୍ଚାଲଙ୍କା, ଗାଜର, ବନ୍ଧାକୋବି, ପିଆଜ, ଶିମ୍ବ ଓ ମଟରରେ ମିଳିଥାଏ।

**ଭିଟାମିନ୍ ‘ସି’-** ଅଁଳା, ଲେମ୍ବୁ ଜାତୀୟ ଫଳ ପିଜୁଳି ଆମ୍ବ ଏବଂ ଟମାଟୋ ଆଦିରେ ‘ଭିଟାମିନ୍ ସି’ ପ୍ରଚୁର ମାତ୍ରାରେ ଥାଏ। ଗାଜରରେ ରିବୋଫ୍ଲୋବିନ (ଭିଟାମିନ ବି-୨) ଦେଶୀ ଆଳୁ, ସାରୁ, କନ୍ଦମୂଳରେ ଥାୟାମିନ୍ ବା ଭିଟାମିନ୍-ବି-୧ ଓ ନିଆସିନ୍ ବା ନିକୋଟନି ଏସିଡ୍ ରହିଥାଏ। କାକୁଡ଼ି, ତରଭୁଜ, ଖରଭୁଜ ଆଦିରେ ଥ୍ରାମିନ ଏହିପରି ବିଭିନ୍ନ ଫଳ ଓ ପନିପରିବାରେ ବିଭିନ୍ନ ଖାଦ୍ୟପ୍ରାଣ ରହିଥାଏ। ଏହାଛଡ଼ା ମୁଖ୍ୟ ଧାତବ ଲବଣ ଯଥା-





କ୍ୟାଲସିୟମ, ଫସଫରସ, ପୋଟାସିୟମ୍ ଇତ୍ୟାଦି ମଧ୍ୟ ଆମେ ଶାଗ ଏବଂ ଲାଉ, ପାଣିକଖାରୁ ଆଦି ପନିପରିବାରୁ ପାଇଥାଉ। ଗର୍ଭବତୀ ମହିଳା, ଶିଶୁ ଏବଂ କିଶୋରମାନଙ୍କ କ୍ଷେତ୍ରରେ ଲୌହର ଆବଶ୍ୟକତା ମଧ୍ୟ ଅଧିକ ଏବଂ ଏହା କଞ୍ଚା କଦଳୀ ଓ ସାଗଜାତୀୟ ପନିପରିବାରେ ଅଧିକ ମାତ୍ରାରେ ଥାଏ।

## ପୁଷ୍ଟିସାଧନ ବଗିଚାର ଆବଶ୍ୟକତା

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଣେ ବ୍ୟକ୍ତି ପ୍ରତିଦିନ ୪୦୦ ଗ୍ରାମ ତଟକା ପନିପରିବା ଓ ଶାଗ ଖାଇବା ଦରକାର। ଯେହେତୁ ଆମ ଦେଶରେ ଅଧିକାଂଶ ଲୋକ ମାଛ, ମାଂସ ଓ ଅଣ୍ଡା ଖାଆନ୍ତି ତେଣୁ ସେମାନେ ଅତିକମ୍‌ରେ ପ୍ରତିଦିନ ୨୫୦ ଗ୍ରାମରୁ ୩୦୦ ଗ୍ରାମ ତଟକା ପନିପରିବା ଖାଇବା ଦରକାର। ୩୦୦ ଗ୍ରାମରୁ ଶାଗଜାତୀୟ ୧୨୦ ଗ୍ରାମ, ମୂଳ ଓ କନ୍ଦା ଜାତୀୟ ୯୦ ଗ୍ରାମ ଓ ଅନ୍ୟାନ୍ୟ ୯୦ ଗ୍ରାମ ଖାଇବା ଉଚିତ। ଆମେ ବଜାରରୁ ଅଧିକ ଦାମ ଦେଇ ଯେଉଁ ପନିପରିବା କିଣିଥାଉ ସେଗୁଡ଼ିକ ଅନେକ ସମୟରେ ତଟକା ନଥାଏ ଏବଂ ସେଗୁଡ଼ିକର ଗୁଣାତ୍ମକ ମୂଲ୍ୟ କମି ଯାଇଥାଏ। ତେଣୁ ପ୍ରତିଦିନ ପରିବାର ପାଇଁ ସତେଜ ପନିପରିବା ଯୋଗାଡ଼ କରିବାକୁ ଘର ପଛପଟେ ଛୋଟ ପନିପରିବା ବଗିଚାଟିଏ କରିବା ଦରକାର।

## ପୁଷ୍ଟିସାଧନ ବଗିଚା ଆକାର ଓ ପ୍ରକାର

ପୁଷ୍ଟିସାଧନ ବଗିଚାର ଆକାର ଓ ପ୍ରକାର ସାଧାରଣତଃ ଖାଲିଥିବା ଜମି, ପରିବାରର ଲୋକସଂଖ୍ୟା, ଯତ୍ନ ନେବା ପାଇଁ ସମୟ ଘରର ଚାହିଦା ଉପରେ ନିର୍ଭର କରେ। ୫-୬ ଜଣିଆ ପରିବାର ପାଇଁ ପନିପରିବା ଚାହିଦା ମେଣ୍ଟାଇବା ପାଇଁ ୨୦୦ ବର୍ଗ ମିଟର ଜାଗା ଯଥେଷ୍ଟ ହୋଇଥାଏ। ଗୋରୁ ଗାଈ ଛେଳି ଇତ୍ୟାଦି ପଶୁଙ୍କ ମୁହଁରୁ ରକ୍ଷା କରିବା ନିମନ୍ତେ ବଗିଚାର ଚତୁଃପାର୍ଶ୍ୱରେ ଶକ୍ତ ବାଡ ଘେରାଇବା ଦରକାର।



**ଫସଲ ଖସଡା:** ପ୍ରଥମେ ଜମିଟିକୁ ଛୋଟ ଛୋଟ ପଟାଳିରେ ବିଭକ୍ତ କରିବା ଉଚିତ। ତା'ପରେ ଉକ୍ତ ପଟାଳି ଅନୁଯାୟୀ କେଉଁ ଋତୁରେ କେଉଁ ଫସଲ କେତେ ପଟାଳି କରାଯିବ ତାହା ପରିବାରର ଲୋକସଂଖ୍ୟା ଅନୁପାତରେ ସ୍ଥିର କରାଯାଏ।

**ଋତୁ ଅନୁସାରେ ଫସଲ ନିର୍ବାଚନ:** ଓଡ଼ିଶାର ଜଳବାୟୁ ଗ୍ରୀଷ୍ମମଣ୍ଡଳୀୟ ଓ ସମଶୀତୋଷ୍ଣ ମଣ୍ଡଳୀୟ ହୋଇଥିବାରୁ ଏଠାରେ ସମସ୍ତ ପ୍ରକାରର ପନିପରିବା ଲାଭଜନକ ଭାବେ ଚାଷ ହୋଇପାରିବ। ବର୍ଷାଋତୁରେ ଭେଣ୍ଡି, ଝୁଡୁଙ୍ଗ, ଗୁଆଁର, କଖାରୁ, ଜହ୍ନି, କନ୍ଦମୂଳ, ସାରୁ, ଖମ୍ବଆଳୁ, କାକୁଡ଼ି, ଲେଉଟିଆ ଶାଗ, ଖଡାଶାଗ ଇତ୍ୟାଦି ଚାଷ କରିପାରିବେ।

ଶୀତ ଦିନରେ ଆଳୁ, ଟମାଟୋ, କୋବି, ବିନସ୍, ମୂଳା, ବିଟ୍, ଗାଜର, ପିଆଜ, ମଟର, ଶିମ୍ବ, କୋଶାଳା, ପାଳଙ୍ଗ ଓ ମେଥିଶାଗ ଇତ୍ୟାଦି ଚାଷ କରିପାରିବେ।

ଖରାଦିନରେ କଖାରୁ ଜହ୍ନି, ତରଭୁଜ, ପୋଟଳ, ଝୁଡୁଙ୍ଗ, ପୋଇ, ଲେଉଟିଆ ଶାଗ, ଖଡାଶାଗ ଇତ୍ୟାଦି ଚାଷ କରିପାରିବେ।

**ବିହନ ନିର୍ବାଚନ:** ସୁସ୍ଥ ନିରୋଗ ଓ ଅଧିକ ଗଜା ହେବା ଶକ୍ତି ଥିବା ଉନ୍ନତ କିସମରେ ବିହନ ଆଣନ୍ତୁ। ଏହା ଅଧିକ ଅମଳ କ୍ଷମ ଓ ଜଳବାୟୁ ଉପଯୋଗୀ ହୋଇଥିବା ଉଚିତ।

## ଚାଷ ପ୍ରଣାଳୀର କେତୋଟି ନିୟମ:

- ପୁଷ୍ଟି ସାଧନ ବଗିଚାକୁ ପ୍ରଚୁର ପରିମାଣରେ ସୂର୍ଯ୍ୟାଲୋକ ମିଳିବା ପାଇଁ ସାଧାରଣତଃ ଘରର ଦକ୍ଷିଣ ପୂର୍ବ ଦିଗରେ ଏହା ହେବା ସବୁଠାରୁ ଉପଯୁକ୍ତ।
- ସବୁବେଳେ ବଡ଼ବଡ଼ ଗଛ ଯଥା- ଲେମ୍ବୁ, ଅମୃତଭଣ୍ଡା, ପିଜୁଳି, ସଜନାଶାଗ, କଦଳୀ ଭୃସଙ୍ଗ ପତ୍ର ଇତ୍ୟାଦି ଉତ୍ତର ପଶ୍ଚିମ ଦିଗରେ ଲଗାଇବା ଉଚିତ। ସାଧାରଣତଃ ବଗିଚାରେ ପାଣି ସୁବିଧା ଥିବା ଦରକାର।
- ସାଧାରଣତଃ ପାକଶାଳା ବଗିଚାଟି ଘରର ପଛ ପାଖରେ କରାଗଲେ ରୋଷେଇ ଗାଧୁଆ ଘରର ପାଣି ବଗିଚାରେ ସହଜରେ ବ୍ୟବହାର କରାଯାଇପାରେ।
- ବର୍ଗାକାର କ୍ଷେତ୍ର ଅପେକ୍ଷା ଆୟତାକାର କ୍ଷେତ୍ର ବିଶିଷ୍ଟ ହେଲେ ଭଲ।
- ସମସ୍ତ ଜମିକୁ ଛୋଟ ଛୋଟ କିଆରୀରେ ବିଭକ୍ତ କରାଯାଏ।
- ବଗିଚାରେ ଗୋଟିଏ କୋଣରେ ଗୋଟିଏ କିମ୍ବା ଦୁଇଟି କମ୍ପୋଷ୍ଟ ଖାତ ରହିବା ଦରକାର।





- ସେଥିରେ ଘରର ବର୍ଜ୍ୟବସ୍ତୁ ସବୁ ପକାଯାଇଥାଏ ଏବଂ ଏହା ମୃତ୍ତିକାରେ ଖତ ରୂପେ ବ୍ୟବହାର କରାଯାଏ।
- ପାକଶାଳା ବଗିଚାରେ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଉପଯୋଗ କରି ଜିଆଖତ ଉତ୍ପନ୍ନ କରାଯାଇ ପାରିବ। ଫସଲରେ ଜିଆଖତକୁ ଉପଯୋଗ କରାଗଲେ ଅମଳ ଅଧିକ ମିଳିବା ସହିତ ଖର୍ଚ୍ଚ ମଧ୍ୟ କମ୍ ହୋଇଥାଏ।
- ଲତା ଜାତୀୟ ପନିପରିବା ଯଥା କଖାରୁ, ଶିମ୍ବ, ବିନ୍ସ, କଲରା ଏବଂ କାକୁଡ଼ି ଇତ୍ୟାଦିକୁ ବଗିଚାର ଚାରିପାଖରେ ବାଡ଼ରେ ମଡ଼ାଇ ଦିଆଯାଇ ପାରିବ।
- ଦୁଇଟି ପଟାଳ ମଧ୍ୟରେ ଜଳସେଚନର ସୁବିଧା ରହିବା ଆବଶ୍ୟକ।
- ଉନ୍ନତ କିସମ ଓ ବିଶୋଧିତ ବିହନ ବ୍ୟବହାର କରାଯିବା ଉଚିତ୍।
- ରୋଗ ଓ ପୋକ ନିରାକରଣ ବ୍ୟବସ୍ଥା ନିତ୍ୟାନ୍ତ ଜରୁରୀ।
- ବଗିଚାରେ ଯିବା ଆସିବା କରିବା ପାଇଁ ଦୁଇଫୁଟ୍ ଚଉଡ଼ାରେ ରାସ୍ତା ରହିବା ଜରୁରୀ।

## ପାକଶାଳା ବଗିଚା ପାଇଁ ଫସଲ ପର୍ଯ୍ୟାୟ

ପଟାଳି-୧ ବାଇଗଣ (ମାର୍ଚ୍ଚ-ମଇ) ଶାଗ (ମାର୍ଚ୍ଚ-ମଇ)

ପଟାଳି-୨ ଝୁଡୁଙ୍ଗ (ଜୁନ-ସେପ୍ଟେମ୍ବର), ବନ୍ଧାକୋବି (ଅକ୍ଟୋବର-ଫେବୃୟାରୀ), କଲରା (ମାର୍ଚ୍ଚ-ମଇ)

ପଟାଳି-୩ ଟମାଟୋ (ଜୁଲାଇ-ନଭେମ୍ବର), ଶିମ୍ବ (ଡିସେମ୍ବର-ଫେବୃୟାରୀ), ଲେଉଟିଆ (ମାର୍ଚ୍ଚ-ଜୁନ)

ପଟାଳି-୪ କାକୁଡ଼ି (ଜୁନ-ଅକ୍ଟୋବର), ଗାଜର (ନଭେମ୍ବର-ଡିସେମ୍ବର), ଲଙ୍କା (ଫେବୃୟାରୀ-ମଇ)

ପଟାଳି-୫ କଖାରୁ ଜାତୀୟ (ମଇ-ସେପ୍ଟେମ୍ବର) ଫୁଲକୋବି (ଅକ୍ଟୋବର-ଜାନୁୟାରୀ) କଲରା (ଫେବୃୟାରୀ-ମଇ)

ପଟାଳି-୬ ଭେଣ୍ଡି (ମଇ-ସେପ୍ଟେମ୍ବର) ମଟର (ଅକ୍ଟୋବର-ଫେବୃୟାରୀ) ଶାଗ (ମାର୍ଚ୍ଚ- ମଇ)

ପଟାଳି-୭ ତରଭୁଜ (ମାର୍ଚ୍ଚ- ମଇ) କାପ୍ସିକମ୍ (ଜୁନ-ଅକ୍ଟୋବର) ଶାଗ (ମାର୍ଚ୍ଚ- ମଇ)

ପଟାଳି-୮ ବାଇଗଣ (ଜୁନ-ସେପ୍ଟେମ୍ବର) ମୂଳା (ଅକ୍ଟୋବର-ଫେବୃୟାରୀ) ଶାଗ (ମାର୍ଚ୍ଚ-ମଇ)

ପଟାଳି-୯ ବୋଇତି କଖାରୁ (ଏପ୍ରିଲ-ଅଗଷ୍ଟ) ଗୁଆଁର (ସେପ୍ଟେମ୍ବର-ଡିସେମ୍ବର) ଝୁଡୁଙ୍ଗ (ଜାନୁୟାରୀ- ମାର୍ଚ୍ଚ)

ପଟାଳି-୧୦ ଅଦା (ମାର୍ଚ୍ଚ-ମଇ) ଝୁଡୁଙ୍ଗ, (ଜୁନ-ସେପ୍ଟେମ୍ବର) ଆଳୁ, (ନଭେମ୍ବର-ଫେବୃୟାରୀ)

ପଟାଳି ୧୧ ବାଇଗଣ (ଜୁନ-ସେପ୍ଟେମ୍ବର) ମଟର (ଅକ୍ଟୋବର-ଡିସେମ୍ବର)

ପଟାଳି-୧୨ ଭେଣ୍ଡି (ଜୁନ-ସେପ୍ଟେମ୍ବର) ପିଆଜ (ଆକ୍ଟୋବର-ଜାନୁୟାରୀ) ଲଙ୍କା (ଫେବୃୟାରୀ-ମଇ)

## ଜମି ପ୍ରସ୍ତୁତି:

ପ୍ରଥମେ ବଗିଚା କରିବାକୁ ହେଲେ ଲୁହା ଲଙ୍ଗଳରେ ଭଲ ଭାବରେ ଚଷ କରି ଜମିକୁ ଆବଶ୍ୟକ ଅନୁସାରେ ପଟାଳିରେ ବିଭକ୍ତ କରିବାକୁ ପଡ଼ିଥାଏ। ହଳ କରିବା ପୂର୍ବରୁ ପଥର, ବୁଦା, ତୃଣକ,ଉଭିଦ ଆବର୍ଜନା ଏବଂ କ୍ଷେତରୁ ଅନ୍ୟ ଅବାଞ୍ଛିତ ସାମଗ୍ରୀ ଆଦି ବାହାର କରି ଉଦ୍ୟାନ ସ୍ଥାନକୁ ସଫା କରିବା ଆବଶ୍ୟକ। ଶଯ୍ୟା/ପଟ୍ଟାଳୀ ପ୍ରସ୍ତୁତି ପୂର୍ବରୁ ଜମିକୁ ବଳଦ, ଟ୍ରାକ୍ଟର କିଂବା ପାୱାର ଟିଲର ଦ୍ୱାରା ୨/୩ଥର ଗଭୀର ହଳ କରି ମାଟିକୁ ଗୁଣ୍ଡ କରିବା ସହ ଜମି ସମତଳ କରିବା ଆବଶ୍ୟକ। ପ୍ରତି ଅମଳ ପରେ ଜମିକୁ କୋଡ଼ି କୋଦାଳ ସାହାଯ୍ୟରେ ଖୁସାଇ ଗୁଣ୍ଡ କରିବାକୁ ପଡ଼ିଥାଏ। ମାଟିର ଉର୍ବରତା ବୃଦ୍ଧି ପାଇଁ ହଳ କରିବା ସମୟରେ ସମ୍ପୂର୍ଣ୍ଣ ବିଘଟିତ ହୋଇଥିବା ଖତ (ଏକର ପିଛା ଗୋଟିଏ ଟ୍ରାକ୍ଟର ଭାର) ମାଟି ସହିତ ମିଶ୍ରିତ ହେବା ଉଚିତ। କାରଣ ଫସଲ ବୃଦ୍ଧି ଏବଂ ଉତ୍ପାଦନ ମୁଖ୍ୟତଃ ମାଟିର ଉର୍ବରତା ଉପରେ ନିର୍ଭର କରେ। ଜିଆ ଖତ, କୁକୁଡ଼ା ଖତ ମଧ୍ୟ ବ୍ୟବହାର ହୋଇପାରିବ।

ମାଟି ଗୁଣ୍ଡ ହେବାପରେ ଜମି ପ୍ରସ୍ତୁତି ପୂର୍ବରୁ, ସେହି ଜମିର ପୋଷକ ସ୍ଥିତି ଜାଣିବା ପାଇଁ ମାଟି ପରୀକ୍ଷା କରାନ୍ତୁ ଏବଂ ସେହି ଆଧାରରେ ମାଟି ସମୃଦ୍ଧ ପୋଷକ ତତ୍ତ୍ୱ/ସାର (ଜୈବିକ) ଜମି ପ୍ରସ୍ତୁତି ସମୟରେ କିମ୍ବା ପରେ ମିଶ୍ରଣ କରନ୍ତୁ। ଜମିରେ ଫସଲ ଶେଷ ହେବର ଏକ ମାସ ପୂର୍ବରୁ ତଳି ପକାଇବାକୁ ହେବ। କେତେକ ମଞ୍ଜି ସିଧାସଳଖ ଜମିରେ ଲଗାଯାଏ। ସୁସ୍ଥ ସବଳ ଓ ନୀରୋଗ ତଳି ପାଇଁ ଆମକୁ କେତେ ଗୁଡ଼ିଏ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ।

## ବଗିଚା ନକ୍ସା ଏବଂ ଉଚ୍ଚିତ ଶଯ୍ୟା ବା ପଟ୍ଟାଳୀ ପ୍ରସ୍ତୁତି:

ଜମି ପ୍ରସ୍ତୁତି ପରେ, ପରବର୍ତ୍ତୀ ପଦକ୍ଷେପ ହେଉଛି ପୂର୍ବ ନିର୍ଦ୍ଧାରିତ ପରିମାଣ ଉପରେ ଆଧାର କରି ପ୍ରସ୍ତୁତ ବଗିଚା ଡିଜାଇନ୍ / ସ୍କେଚ୍ ଅନୁଯାୟୀ ଶଯ୍ୟା ପ୍ରସ୍ତୁତ କରିବା। ଉଚ୍ଚ





ଶଯ୍ୟା/ପଟ୍ଟାଳୀ ପ୍ରସ୍ତୁତି ପାଇଁ ଆବଶ୍ୟକ ସମସ୍ତ ବଗିଚା ଉପକରଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯଥା ଖଣତି, ମାପ ଫିତା, ପ୍ଲାଷ୍ଟିକ୍ ଦଉଡି, ଚୂନ, ଛୋଟ କାଠ ବାଡ଼ି, କୋଦାଳ ଇତ୍ୟାଦି ରଖନ୍ତୁ। ପୂର୍ବ ପ୍ରସ୍ତୁତ ବଗିଚାର ରେଖାଚିତ୍ର, ବଗିଚା ସ୍ଥାନରେ ରଖନ୍ତୁ। ପ୍ଲଟଗୁଡ଼ିକର ଆକାର / ପରିମାପ, ସବ୍-ପ୍ଲଟ୍ ଯଥା ଧାଡି ଫସଲ ପାଇଁ ଶଯ୍ୟା/ପଟ୍ଟାଳୀ, ଲତା ଫସଲ ପାଇଁ ଭାଡ଼ି, ପନିପରିବା ପାଇଁ ଶଯ୍ୟା/ପଟ୍ଟାଳୀ ଏବଂ ଫଳ ଗଛ (ଗର୍ତ୍ତ) ମଧ୍ୟରେ ଥିବା ପଥ ସହିତ କାହିଁକି ଓ କିପରି ପୃଥକ କରାଯିବ ତାହା ବ୍ୟାଖ୍ୟା କରନ୍ତୁ। ମାପଫିତା ବ୍ୟବହାର କରି ମାପ ଦିଅ ଏବଂ କୋଣ / ଛକ ସ୍ଥାନରେ ବାଡି ପୋତନ୍ତୁ। ଅଲଗା ଶଯ୍ୟା/ପଟ୍ଟାଳୀ ତିଆରି କରିବା ପାଇଁ ବାଡ଼ିରେ ପ୍ଲାଷ୍ଟିକ୍ ଦଉଡି ବାନ୍ଧ, ତା'ପରେ ଶଯ୍ୟା/ପଟ୍ଟାଳୀ ଚିହ୍ନିବା ପାଇଁ ଚୂନକୁ ଦଉଡି ଲାଇନରେ ପକାନ୍ତୁ। ଉଚ୍ଚ ଶଯ୍ୟା/ପଟ୍ଟାଳୀ ପ୍ରସ୍ତୁତ କରନ୍ତୁ, କୋଦାଳ ଏବଂ ଅନ୍ୟାନ୍ୟ ଖନନ ସାମଗ୍ରୀ ବ୍ୟବହାର କରି ଜଳ ନିଷ୍କାସନ ବାଟ ପ୍ରସ୍ତୁତ କରନ୍ତୁ। ବିଭିନ୍ନ ଫସଲ ପାଇଁ ଅଲଗା ଅଲଗା ଶଯ୍ୟା ପ୍ରସ୍ତୁତ କରନ୍ତୁ ଯେମିତିକି ଧାଡି ଫସଲ ପାଇଁ ମୁଖ୍ୟ ଶଯ୍ୟା/ପଟ୍ଟାଳୀ, ଲତା ଫସଲ ପାଇଁ ଭାଡ଼ି ଶଯ୍ୟା, ସବୁଜ ପତ୍ରଯୁକ୍ତ ପନିପରିବା ପାଇଁ ପୃଥକ ଶଯ୍ୟା/ପଟ୍ଟାଳୀ, ଫଳ ଗଛ ପାଇଁ ବଗିଚାର ଦୁଇ ପାର୍ଶ୍ୱରେ ପୃଥକ ଶଯ୍ୟା/ପଟ୍ଟାଳୀ। ଶଯ୍ୟା ବା ପଟ୍ଟାଳୀର ଉଚ୍ଚତା ୧୦ରୁ୧୨ ଇଞ୍ଚ ମଧ୍ୟରେ ହୋଇପାରେ। ଉଠାଯାଇଥିବା ଶଯ୍ୟା/ପଟ୍ଟାଳୀ ତିଆରି କରିବାର ଉଦ୍ଦେଶ୍ୟ ହେଉଛି ପ୍ରବଳ ବର୍ଷା ସମୟରେ ଫସଲକୁ ଅଧିକ ଜଳଜନିତ ପ୍ରାଦୁର୍ଭାବରୁ ରକ୍ଷା କରିବା। ଅଧିକ ବର୍ଷା ଜଳକୁ ନିଷ୍କାସନ ପାଇଁ ଏବଂ ଫସଲକୁ ନଷ୍ଟ ନକରି ଫସଲର ସଠିକ୍ ନିରୀକ୍ଷଣ କରିବା ପାଇଁ କ୍ଷେତ୍ର ଭିତରେ ସଠିକ୍ ଯିବା ଆସିବା ପାଇଁ ନାଳି ପ୍ରସ୍ତୁତ କରନ୍ତୁ।

## ତଳି ପ୍ରସ୍ତୁତି:

କେତେକ ଫସଲ ସିଧାସଳଖ ମୁଖ୍ୟ କ୍ଷେତରେ ବୁଣାଯାଏ ଏବଂ କେତେକ ମୁଖ୍ୟ ଶଯ୍ୟାରେ ପ୍ରତିରୋପଣ ପୂର୍ବରୁ ନର୍ସରୀରେ ପ୍ରସ୍ତୁତ କରାଯାଏ। ଏକ ନର୍ସରୀରେ ଚାରା ବଢାଇବା ପୂର୍ବରୁ, ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ଅନୁସରଣ କରିବା ଉଚିତ୍:

### ଭଲ ପନିପରିବା ବିହନ/ଫଳ ଚାରା, କଲମୀ କରଣ

ଏକ ଭଲ କିସମର ମଞ୍ଜି ଚୟନ ଫସଲ ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, କାରଣ ଏକ ସୁସ୍ଥ, ରୋଗମୁକ୍ତ ଏବଂ ଉତ୍ତମ କିସମ ଅଧିକ ଉତ୍ପାଦନ କରିପାରିବ। ଯେଉଁ ଗୁଡ଼ିକୁ ଆମେ ବଜାରର ଖୁଚୁରା ଦୋକାନରୁ, ସ୍ଥାନୀୟ ହାଟ କିମ୍ବା କୃଷକମାନଙ୍କ ଠାରୁ ସଂଗ୍ରହ କରି ପାରିବା। ଉପଯୁକ୍ତ ଅଙ୍କୁରୋଦ୍ଗମ, ସୁସ୍ଥ ଉଭିଦ ବୃଦ୍ଧି ଏବଂ ଉନ୍ନତ ଉତ୍ପାଦନ ପାଇଁ ଖ୍ୟାତିସମ୍ପନ୍ନ ବିହନ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକର ବିହନ ବ୍ୟବହାର କରାଯିବା ଉଚିତ। ଫଳଜାତୀୟ

ଫସଲ ପାଇଁ ଚାରା/କଲମୀ ନର୍ସରୀରେ ବଢାଯାଇପାରେ କିମ୍ବା ଏକ ପ୍ରତିଷ୍ଠିତ ନର୍ସରୀରୁ କିଣାଯାଇପାରେ। ସ୍ଥାନୀୟ ଜଳବାୟୁ ଏବଂ ସେହିଅଞ୍ଚଳର ପରିବେଶ ଅନୁଯାୟୀ କିସମ ଚୟନ କରାଯାଇପାରେ।

## ଚାରା ଉତ୍ପାଦନ ପାଇଁ ନର୍ସରୀ ପ୍ରସ୍ତୁତି

ନର୍ସରୀ ହେଉଛି ଏକ ସ୍ଥାନ ଯେଉଁଠାରେ ଚାରାଗୁଡିକୁ ମୁଖ୍ୟ ଜମିରେ ପ୍ରତିରୋପଣ କରିବା ପୂର୍ବରୁ ବଢାଯାଇଥାଏ। ନର୍ସରୀରେ ବିହନ ବୃଦ୍ଧି ଦୁଇଟି ପଦ୍ଧତିରେ କରାଯାଇପାରିବ, ଯଥା ଖୋଲା ଶଯ୍ୟା ଏବଂ ସବୁଜ ଗୃହରେ କିମ୍ବା ପଲି ଟନେଲରେ। ଚାରାଗୁଡିକ ବର୍ଷା ଓ ଶୀତଋତୁରେ ପଲି ଟନେଲରେ ଏବଂ ଗ୍ରୀଷ୍ମଋତୁରେ ସବୁଜ କୋଠରୀରେ ବଢାଯାଇପାରିବ। ସେଗୁଡିକ ଖୋଲା ଶଯ୍ୟାରେ ମଧ ବଢାଯାଇପାରିବ, କିନ୍ତୁ ଖୋଲା ନର୍ସରୀ ଅପେକ୍ଷା ପ୍ରୋଟ୍ରେ, ସବୁଜ କୋଠରୀ ଏବଂ ପଲିଟନେଲ ସଂରଚନାର ବ୍ୟବହାର ଅଧିକ ଲାଭଦାୟକ। ଚାରା ବଢାଇବା ପାଇଁ, ଆଂଶିକ ଛାଇ ଏବଂ ଉଚ୍ଚ କିମ୍ବା ମଧ୍ୟମ ଉଚ୍ଚ ଭୂମି ଅତି ନିମ୍ନ ଜମି ଅପେକ୍ଷା ଅଧିକ ଉପଯୁକ୍ତ, କାରଣ ଉଚ୍ଚ ଜମି ଅତ୍ୟଧିକ ବର୍ଷା ଜଳ ନିଷ୍କାସନ କରି ବିହନକୁ କ୍ଷତିରୁ ରକ୍ଷା କରିଥାଏ। ଖୋଲା ନର୍ସରୀ ପାଇଁ ବର୍ଦ୍ଧିତ ଶଯ୍ୟା ପରାମର୍ଶଦାୟକ, କାରଣ ସମତଳ ଶଯ୍ୟା/ପଟ୍ଟାଳୀ ଅପେକ୍ଷା ବର୍ଦ୍ଧିତ ଶଯ୍ୟା/ପଟ୍ଟାଳୀ ଚେର ଏବଂ ଫସଲ ବୃଦ୍ଧି ପାଇଁ ଅଧିକ ଫଳପ୍ରଦ।

ଆମକୁ ବର୍ଷକୁ ତିନିଥର ତଳି ପକାଇବାକୁ ପଡ଼ିବ। ଯଥା ବର୍ଷାଦିନେ, ଶୀତଦିନେ ଓ ଖରାଦିନେ। ତଳି ଘେରା ପ୍ରସ୍ତୁତ ପୂର୍ବରୁ ମାଟିକୁ ପ୍ରଥମେ ହାଣି ଗୁଣ୍ଡ କରିଦେବା ଆବଶ୍ୟକ। ତଳି ପକାଇବା ପୂର୍ବରୁ ମାଟିକୁ ଶୁଖିଲା କୁଟାକାଠି ପକାଇ ଭଲ ଭାବରେ ପୋଡ଼ିଦେବା। ଫଳରେ ମାଟିରେ ଥିବା ରୋଗଜୀବାଣୁ ଗୁଡ଼ିକ ମରିଯିବେ। ମଞ୍ଜି ସହିତ ଆବଶ୍ୟକ ପରିମାଣର କ୍ୟାପଟାନ କିମ୍ବା ଥିରାମ କିମ୍ବା ବାଭିଷ୍ଟିନ (ବିହନ ବିଶୋଧକ) ଗୋଳାଇବା ପରେ ଧାଡ଼ିରେ ଏକ ଇଞ୍ଚ ବ୍ୟବଧାନରେ ମଞ୍ଜିକୁ ଗୋଟି ଗୋଟି କରି ଅଳ୍ପ ଗଭୀରରେ ବୁଣିବା। ତା'ପରେ ମାଟି ଘୋଡ଼ାଇଦେବା ଉଚିତ୍। ପିମ୍ପୁଡ଼ି ନ ଲାଗିବା ପାଇଁ ତଳିଘରା ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ବୁଣିଦେବା ଦରକାର। ଶୀତଦିନିଆ ଓ ଖରାଦିନିଆ ତଳିଘରାର ମଝିଟି ସମତଳ ଏବଂ ଚାରିକଡ଼ ଟିକିଏ ଉଚ୍ଚା କରିବା। ଉଚ୍ଚତା ଫଳରେ ପାଣି ସିଞ୍ଚିବା ସମୟରେ ପାଣି ତଳକୁ ଗଡ଼ିଯିବ ନାହିଁ। ବର୍ଷା ଦିନରେ ମଝି ଅଂଶଟି ଉଚ୍ଚ ତଥା ଚାରିକଡ଼କୁ ଗଡ଼ାଣିଆ କଲେ ବଳକା ପାଣି ତଳକୁ ନିଗିଡ଼ିଯିବ। ମଞ୍ଜି ବୁଣିବା ପରେ ମାଟି ଘୋଡ଼ାଯାଏ। ତା'ପରେ ନଡ଼ା, ଶୁଖିଲା ପତ୍ର ଇତ୍ୟାଦି ଘୋଡ଼ାଇ ପାଣି ସିଞ୍ଚିବାକୁ ପଡ଼େ। ମଞ୍ଜି ଗଜା ହେବା ସଂଗେ ସଂଗେ ନଡ଼ାକୁ କଢାଯାଏ, ନଚେତ୍ ଗଛ ଗୁଡ଼ିକ ସରୁହୋଇ ବଢ଼ିବ ଓ ଶୋଇ





ପଡ଼ିବ। ତଳି ୩/୪ ସପ୍ତାହର ହୋଇଗଲେ ଲଗାଇବାକୁ ଉପଯୁକ୍ତ ହୋଇଥାଏ, କିନ୍ତୁ ପିଆଜ ତଳିଗୁଡ଼ିକ ୬ରୁ ୮ ସପ୍ତାହରେ ହେଲେ ରୋଇବା ପାଇଁ ଉପଯୁକ୍ତ ହୁଏ।

## ଖତ ଓ ସାର ପ୍ରୟୋଗ:

ବଗିଚାର ପ୍ରତି ପଟାଳିରେ ଯଥେଷ୍ଟ ପରିମାଣରେ ଖତ ପ୍ରୟୋଗ କରିବା ଉଚିତ୍, ଖତ ଛଡ଼ା ସାର ମଧ ଦେବାକୁ ପଡ଼ିଥାଏ। ସାର ସାଧାରଣତଃ ଯବକ୍ଷାରଜାନ, ଫସଫରସ ଏବଂ ପଟାସ୍। ଯବକ୍ଷାରଜାନ ସାର ଗଛର ଶାଖାପ୍ରଶାଖା ବଢ଼ିବାରେ ସାହାଯ୍ୟ କରେ। ଫସ୍‌ଫରସ୍ ଗଛର ଚେର ଓ ଫୁଲ ବଢ଼ିବାରେ ସହାୟକ। ପଟାସ୍ ଗଛକୁ ଶକ୍ତ କରେ ଓ ରୋଗପୋକ ସହଣୀ ଶକ୍ତି ବଢ଼ାଏ। ପ୍ରଚୁର ପରିମାଣରେ ଜୈବିକ ବା କମ୍ପୋଷ୍ଟ ଖତ ଦେଲେ ଅମଳ ଭଲ ହୁଏ। ବିଭିନ୍ନ ଫସଲ ପାଇଁ ରାସାୟନିକ ସାର ଗୁଡ଼ିକ ବିଭିନ୍ନ ସମୟରେ ଦେବାକୁ ହୋଇଥାଏ। ସମୁଦାର ସୁପର ଓ ପଟାସ ସାରକୁ ମଞ୍ଜି ବୁଣିବା କିମ୍ବା ତଳି ରୋଇବା ସମୟରେ ପ୍ରୟୋଗ କରିବା ଆବଶ୍ୟକ। ଭଲ ଅମଳ ପାଇଁ ପଟାଳିକୁ କୋଡ଼ାଖୁସା କରି ଘାସ ବାଛି ଦେବା ଉଚିତ୍।

## ପାକଶାଳା ବଗିଚାରେ ରୋଗ ଓ ପୋକ ନିୟନ୍ତ୍ରଣ:

ପାକଶାଳା ବଗିଚାରେ ଆମେ ଛୋଟ ଛୋଟ ପଟାଳିରେ ଫସଲ କରୁଥିବାରୁ ସାଧାରଣତଃ ଏଥିରେ ରୋଗ ଓ ପୋକ ବେଶୀ ପରିମାଣରେ ଦେଖାଯାଏ ନାହିଁ। ଆମେ ସବୁବେଳେ ବଗିଚାରେ ଦେଖା ଦେଖି କରୁଥିବାରୁ ଯଦି କୌଣସି ରୋଗ ଓ ପୋକ ଲାଗେ ତାକୁ ନଷ୍ଟ କରିଦେବା କିମ୍ବା ହାତରେ ମାରିଦେବା। ପ୍ରଥମରୁ ବିହନ ବିଶୋଧନ କରିଥିଲେ ରୋଗ ଲାଗିବାର ସମ୍ଭାବନା କମଥାଏ। ରୋଗ ଓ ପୋକ ଦେଖାଗଲେ ସେଗୁଡ଼ିକ ନିୟନ୍ତ୍ରଣ ପାଇଁ ଭିନ୍ନ ଭିନ୍ନ ଔଷଧ ଦରକାର ପଡ଼ିଥାଏ। ରୋଗ ଓ ପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ଔଷଧ ବଦଳରେ ଆଜିକାଲି ମିଳୁଥିବା ବିଭିନ୍ନ ପ୍ରକାରର ନିମ୍ବଜାତ କୀଟ ଓ ରୋଗନାଶକ ଔଷଧ ବ୍ୟବହାର କରିବା ଉଚିତ୍। ଏହା ଦ୍ୱାରା ଆମର ପରିବେଶର ସୁରକ୍ଷା ହୋଇପାରିବ। କୀଟନାଶକ ଔଷଧ ପ୍ରୟୋଗର ଏକ ସପ୍ତାହ ପରେ ପନିପରିବା ତୋଳିବା ଆବଶ୍ୟକ।

## ପାକଶାଳା ବଗିଚାର ପରିଚାଳନା

କ) ଲେମ୍ବୁ, ପିଜୁଳି, ଭୃଶଙ୍ଗ ପରି ବଡ଼ବଡ଼ ଗଛଗୁଡ଼ିକ ଉତ୍ତର-ପଶ୍ଚିମ ଦିଗରେ ଲଗାନ୍ତୁ।

ଖ) ସାଧାରଣତଃ ପାକଶାଳା ବଗିଚାରେ ଜାଉଆ ପୋକ ଅଧିକ ଦେଖାଯାଏ। ସେଗୁଡ଼ିକୁ ଦମନ କରିବା ପାଇଁ ସୋଡ଼ା ପାଣି ସହ ନିମ୍ବତେଲ ସ୍ପ୍ରେ କରିବା ଆବଶ୍ୟକ।

ଗ) ଲେମ୍ବୁ, ଅମୃତଭଣ୍ଡାଭଳି ଗଛ ମୂଳରେ ପାଣି ଜମି ନରହିବା ଆବଶ୍ୟକ।

ଘ) ରାସାୟନିକସାର ବଦଳରେ ସୋରିଷପିଡ଼ିଆ, ଜୈବିକଖତ, ଜିଆଖତ ବ୍ୟବହାର କରନ୍ତୁ।

ଙ) ଫଳଗଛଗୁଡ଼ିକୁ କାଟ୍‌ଛାଟ୍ କଲେ ଅଧିକ ପ୍ରଶାଖା ବାହାରି ଅଧିକ ଫୁଲକଷି ଆସିଥାଏ।

ଚ) ଦୈନିକ ଆଧାରରେ ଫସଲର ସ୍ଥିତି ନିରୀକ୍ଷଣ କରିବା। ଫସଲକୁ ପ୍ରଭାବିତ କରୁଥିବା ବିଭିନ୍ନ ରୋଗ ଓ ପୋକ ଉପରେ ନଜର ରଖିବା। ମାଟିରେ ଥିବା କ୍ଷତିକାରକ ନେମାଟୋଡ଼ ଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ପରିବା ଗଛ ମଧ୍ୟରେ ଗେଣ୍ଡୁଗଛ ଲଗାଇବା ଆବଶ୍ୟକ।

ଛ) ଟ୍ରାଇକୋଡର୍ମା ପାଉଡରକୁ ଖତ ସାଙ୍ଗରେ ମିଶାଇ ପ୍ରୟୋଗ କରିବା ଫଳରେ ରାତ୍ରୀସମୟରେ ବୃଦ୍ଧିପାଉଥିବା ପରିବା ଗଛ, ଯେମିତିକି ଟମାଟୋ, ବାଇଗଣ, ଲଙ୍କା, ଆଳୁ ଆଦିରେ ଝାଉଁଳା ରୋଗ ନିୟନ୍ତ୍ରଣ ହୋଇଥାଏ।

ଜ) ଫଳମାଛି, ଧଳାମାଛିଙ୍କୁ ନିୟନ୍ତ୍ରଣ କରିବା ପାଇଁ ହଳଦିଆ ଅଠାକାର୍ଡ ବ୍ୟବହାର କରନ୍ତୁ।

ଝ) ଫସଲର ଅବସ୍ଥାକୁ ଦେଖି ଉଚିତ ସମୟରେ ଫସଲରେ ଜଳସେଚନ କରିବେ। ଫସଲର ଉପଯୁକ୍ତ ପରିପକ୍ୱ ଅବସ୍ଥାରେ ଫସଲ ଅମଳ କରିବେ। ରୋଗ ଓ ପୋକ ଉପରେ ପର୍ଯ୍ୟବେକ୍ଷଣ କରି ଠିକ ସମୟରେ କୀଟନାଶକ ଓ କବକନାଶକ ସ୍ପ୍ରେ କରିବେ। ଆବଶ୍ୟକତା ଅନୁସାରେ ଶଯ୍ୟାଗୁଡ଼ିକର ସଂଶୋଧନ କରିବେ। ଖତ ଗର୍ତ୍ତ, ନର୍ସରୀ, ଓ ଅନ୍ୟାନ୍ୟ ଉଦ୍ୟାନ ଉପକରଣର ରକ୍ଷାଣବେକ୍ଷଣ କରିବେ। ଫସଲ ଅମଳ ପରେ ଶଯ୍ୟାଗୁଡିକର ସଂଶୋଧନ କରିବେ।

## ପାକଶାଳା ବଗିଚାରେ କାମ କରିବା ସମୟରେ ସାବଧାନତା

କ) କୋଡ଼ାଖୁସା ସମୟରେ ସାବଧାନତାର ସହ କୋଦାଳ, ଆଙ୍କୁଡ଼ା, କୋଡ଼ି କିମ୍ବା ଗଇଁତି ଆଦି ଉପକରଣଗୁଡ଼ିକ ବ୍ୟବହାର କରିବା ଆବଶ୍ୟକ।

ଖ) ବାଡ଼ିବଗିଚାରେ କାମ କରିବା ସମୟରେ ସମୟ ବ୍ୟବଧାନରେ କାମ କରିବା ପରେ ବିଶ୍ରାମ ନେବା ଓ ପାଣି ପିଇବା ପାଇଁ ଧ୍ୟାନ ଦେବାକୁ ହେବ।

ଗ) ରାସାୟନିକ କିମ୍ବା ଜୈବିକ କୀଟନାଶକ ବ୍ୟବହାର ପରେ ଭଲଭାବେ ହାତ ଧୋଇବା ଆବଶ୍ୟକ ଏବଂ ମୁହଁରେ ମାସ୍କ ପିନ୍ଧିବା ନିହାତି ଦରକାର।

ଘ) ପାକଶାଳା ବଗିଚାଟିକୁ ଚାରିପାଖରେ ଭଲଭାବେ ବାଡ଼ ଘେରେଇବା ଉଚିତ୍।

ଙ) ରାସାୟନିକ କୀଟନାଶକ ବ୍ୟବହାର ସମୟରେ ଆଖି, ନାକ, ମୁହଁକୁ ହାତରେ ସ୍ପର୍ଶ କରିବା ଅନୁଚିତ୍।